# Akashvani, Sambalpur

## SAMBALPURI NEWS BULLETIN

### 19 March 2025- 6.47- 6.52 am.

*********************************************

ଗ୍ରୀଷ୍ମପ୍ରବାହ ସମୀକ୍ଷା ବୈଠକ୍- ମୁଖ୍ୟମନ୍ତ୍ରୀ ସିଏମ୍‌ଓ

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ରାଏଜେ ବଢ଼୍‌ତି ଖରାର୍ ମୁକାବିଲା ଲାଗି ପ୍ରଶାସନ୍ ତର୍‌ଫୁ କରାଯାଇଥିବା ତୟାରିର୍ ସମୀକ୍ଷା କରିଛନ୍ । ଖରାର୍ ମୁକାବିଲା ଲାଗି ସର୍‌କାର୍ ଜାରି କରିଥିବା ଏସ୍‌ଓପିକେ ନଜର୍‌ଥି ରଖିକରି ପଦକ୍ଷେପ୍ ନେବାର୍‌କେ ମୁଖ୍ୟମନ୍ତ୍ରୀ ଭିନ୍ ଭିନ୍ ବିଭାଗ୍‌ର ଅଧିକାରୀ ଆର୍ ଜିଲ୍ଲାପାଳ୍‌ମାନ୍‌କୁ ପରାମର୍ଶ ଦେଇଛନ୍ । ଖରା ସମିଆଥି ସାରା ରାଏଜେ ସ୍କୁଲ୍ ମାନ୍‌କେ ସକାଳ୍‌ପଢ଼ା କର୍‌ବାର୍ ସହେତେ ସଖାଲର୍ ୭ ନୁ ୯ ବଜେତକ୍ ଅଙ୍ଗନବାଡ଼ି କେନ୍ଦ୍ର ଖୁଲ୍‌ବାର୍ ଲାଗି ପଦକ୍ଷେପ୍ ନେବାର୍‌କେ ମୁଖ୍ୟମନ୍ତ୍ରୀ କହିଛନ୍ । ସେନ୍ତା ଖରାଥି ଯେନ୍ତା କାହାରିର୍ ଜୀବନ୍ ନାଇଁ ଯିବା ସେ ଉପ୍‌ରେ ସମୀକ୍ଷା ବୈଠକ୍‌ଥି ଜୋର୍ ଦିଆଯାଇଛେ । ଦିନର୍ ୧୧ ନୁ ଉପର୍‌ବେଲା

୫ ବଜେତକ୍ ଆର୍ ରାତିର ୯ ନୁ ସଖାଲର୍ ୬ ବଜେତକ୍ ଲାଇନ୍ ନାଇଁ କାଟ୍ବାର୍କେ ନିର୍ଦ୍ଦେଶ୍ ଦିଆଯାଇଛେ । ଦର୍କାରୀ ଜାଗାମାନ୍କେ ହପ୍ତେ ଭିତ୍ରେ ନଲ୍କୂଆଁ ଖୁଲ୍ବାର୍କେ ଆର୍ ମରାମତି କର୍ବାର୍କେ ବୈଠକ୍ଥି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ । ଇ ଅବ୍ସରେ ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ, ମୁଖ୍ୟ ଶାସନ୍ ସଚିବ, ଭିନ୍ ଭିନ୍ ବିଭାଗ୍ର ଅଧିକାରୀ ଯୋଗ୍ ଦେବାର୍ ସହେତେ ଆଭାସୀ ଜରିଏ ଜିଲ୍ଲାପାଲ୍ମାନେ ଭିଲ୍ ଉପସ୍ଥିତ୍ ଥିଲେ ।

ବିଧାନ୍ସଭା- ଖର୍ଚ୍ଚା ଦାବି I&PR

୨୦୨୫-୨୬ ବଛ୍ରେ ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି ବିଭାଗ୍ ଲାଗି ଗଲାକାଏଲ୍ ବିଧାନ୍ସଭା ନ ୪ ଶହ ୮୧ କୋଟି ୮୨ ଲାଖ୍ ଟଙ୍କାର୍ ଖର୍ଚ୍ଚ ଦାବିକେ ମଞ୍ଜୁରୀ ମିଲିଛେ । ସେନ୍ତା ଉଚ୍ଚଶିକ୍ଷା ବିଭାଗ୍ର ୩ ହଜାର୍ ୬ ଶହ ୫୫ କୋଟି ୮୨ ଲାଖ୍ ୮୧ ହଜାର୍ ଟଙ୍କା ଖର୍ଚ୍ଚା ଦାବିକେ ଭିଲ୍ ଗୃହ ନ ମଞ୍ଜୁରୀ ମିଲିଛେ । ଇତାର୍ସହେତେ ରାଏଜେ ଖେଲ୍ ଆର୍ ଖେଲାଲୀମାନ୍କର୍ ବିକାଶ୍ ସଙ୍ଗେ ଯୁବଶକ୍ତିକେ ସଶକ୍ତ କର୍ବାର୍ ଲାଗି ଇ ଆର୍ଥିକ୍ ବଛର୍ ଲାଗି କ୍ରୀଡ଼ା ଆଉ ଯୁବ ସେବା ବିଭାଗ୍

ତରଫୁ ଆଗତ୍ ହେଇଥିବା ୧ ହଜାର୍ ୩ ଶହ ୧୯ କୋଟି ଅଣାଶୀ ଲାଖ୍ ଟଙ୍କାର୍ ଖର୍ଚ୍ଚା ଦାବିକେ ଭିଲ୍ ବିଧାନ୍‌ସଭା ନ ମଞ୍ଜୁରୀ ମିଲିଛେ । ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ବିଭାଗ୍ ମାନ୍‌କର୍ ଖର୍ଚ୍ଚା ଦାବି ଉପସ୍ଥାପନ୍ କଲା ଉତ୍ରୁ ବିସ୍ତୃତ୍ ଆଲୋଚନା ହେଇକରି ସେସବୁକେ ମଞ୍ଜୁରୀ ମିଲିଥିଲା ।

ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଜନତା ମଇଦାନ୍ ଠାନେ ଆଏଜ୍‌ଠାନୁ ୧୯ ନମ୍ବର ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା ମୁଲ୍ ହେବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ମେଳାକେ ଉଦ୍‌ଘାଟନ୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ । ମାର୍ଚ୍ଚ ୩୧ ତାରିଖ୍‌ତକ୍ ହେବାର୍‌କେ ଥିବା ଇ ମେଳା ହସ୍ତଶିଳ୍ପ ଆର୍ ହସ୍ତତନ୍ତ ସଂସ୍କୃତିର୍ ଗୁଟେ ବର୍‌କସ୍ ଝଲକ୍ ହେବା ବଲି ବିଭାଗୀୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ । ମେଳାଥି ୬ ଶହ ୫୦ ନୁ ଅଏତ୍‌କା ଷ୍ଟଲ୍ ଖୁଲ୍‌ବା । ମେଳା ଉପର୍‌ବେଲା ୩ ବଜେନୁ ରାତିର୍ ୧୦ ବଜେତକ୍ ଚାଲ୍‌ବା ବଲି ମନ୍ତ୍ରୀ କହିଛନ୍ ।

ମେଟ୍ରିକ୍ ପରୀକ୍ଷା ଖାତାଦେଖା        ଆର୍ଏନ୍ୟୁ/ ସମ୍ବଲପୁର

ମେଟ୍ରିକ୍ ପରୀକ୍ଷା ଖାତାଦେଖା ଆଏଜ୍ଠାନୁ ମୁଲ୍ ହେବା । ରାଜ୍ୟର୍ ୫୧ ଟା କେନ୍ଦ୍ର ନ ୧୧ ହଜାର୍ ୮ ଶହ ୯ନ୍ ଶିକ୍ଷକ୍, ଶିକ୍ଷୟିତ୍ରୀ ଖାତାଦେଖା କାମ୍ ଲାଗି ନିୟୋଜିତ୍ ହେଇଛନ୍ । ଖାତାଦେଖାଥି ନିୟୋଜିତ୍ ଥିବା ଶିକ୍ଷକ୍ ଆର୍ ଅଲ୍ଗା କର୍ମଚାରୀମାନେ ଗଲାକାଏଲ୍ନୁ ମୂଲ୍ୟାୟନ୍ କେନ୍ଦ୍ରମାନ୍କୁ ପୁହୁଁଚି ସାରିଛନ୍ । ଆଏଜ୍ନୁ ପାଖାପାଖି ୧୨ ଦିନ୍‌ତକ୍ ଖାତାଦେଖା ସଖାଲର୍ ୯ ବଜେନୁ ଆରବେଲିର୍ ୫ ବଜେତକ୍ ଚାଲ୍‌ବା । ମେଟ୍ରିକ୍ ସହେତେ ଷ୍ଟେଟ୍ ଓପନ୍ ସ୍କୁଲ୍ ସାର୍ଟିଫିକେଟ୍ ପରୀକ୍ଷାର୍ ଖାତାଦେଖା ଭିଲ୍ ଆଏଜ୍ଠାନୁ ମୁଲ୍ ହେବା ।

ଖଡ଼ିଛୁଆ ଉତ୍ସବ୍      I&PR

ଜାତୀୟ ଶିକ୍ଷାନୀତି -୨୦୨୦ ଅନ୍‌ସାରେ ରାଏଜେ ପ୍ରାଥମିକ ସ୍କୁଲ୍ ମାନ୍‌କେ ଶିଶୁବାଟିକା ମୁଲ୍ ହେବାର୍‌କେ ଯାଉଛେ । ଏପ୍ରିଲ୍ ୨ ତାରିଖ୍ ବିଦ୍ୟାଳୟମାନ୍‌କେ ପ୍ରବେଶ୍ ଉତ୍ସବ୍ ଆଉ ଖଡ଼ିଛୁଆଁ ଉତ୍ସବ୍ ମାନ୍ ଆୟୋଜନ୍ କରାଯାଉଛେ । ଶିଶୁ ବାଟିକାଥି ନାଁଲେଖାବାର୍‌କେ ଯାଉଥିବା ଛୁଆମାନ୍‌କର୍ ପରିବାର୍ ଲୁକ୍‌କୁ

ଜିଲ୍ଲା ପ୍ରଶାସନ୍ ତର୍ଫୁ ମୁଖ୍ୟମନ୍ତ୍ରୀଙ୍କର୍ ନିମନ୍ତ୍ରଣ୍‌ପତ୍ର ବାଂଟ୍‌ବାର୍ କାମ୍ ଇହାଦେ ଚାଲିଛେ । ୨୮ ତାରିଖ୍‌ତକ୍ ସବୁ ଛୁଆକର୍ ପରିବାର୍‌କେ ଇ କାର୍ଡ଼୍ ପୁହୁଁଚାବାର୍‌କେ ଶିକ୍ଷା ବିଭାଗ୍ ତର୍ଫୁ ନିର୍ଦ୍ଦେଶ୍ ଦିଆଯାଇଛେ ।

ଜଙ୍ଗଲ ନିଆଁ          ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଗଲା ରଏବାର୍ ଦିନ ୭ ଶହ ୫୯ ଟା ଜାଗା ନ ଜଙ୍ଗଲ୍ ନିଆଁ ଲିଭାଯାଇଥିଲା ବେଲ୍‌କେ ଗଲାକାଏଲ୍ ଭିନ୍ ଭିନ୍ ଜଙ୍ଗଲ୍ ନ ୧ ହଜାର୍ ୭ ଶହ ୮୧ ଟା ଜାଗା ନ ଜୁଏ ଲାଗିଛେ ବଲି ଭାରତୀୟ ବନ ସର୍ବେକ୍ଷଣ ବିଭାଗ୍ -ଏଫ୍‌ଏସ୍‌ଆଇ କହିଛେ । ହେଲେ ଜୁଏର ପ୍ରକୋପ ବେଶୀ ନାଇଁନ । ଇଥି ଏବ୍‌ତକ୍ ଜଙ୍ଗଲି ଜୀବଜନ୍ତୁଙ୍କର୍ କେନ୍‌ସି କ୍ଷୟକ୍ଷତି ନାଇଁ ହେଇ ବଲି ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ସୁରେଶ୍ ପନ୍ଥ କହିଛନ୍ ।

ଟ୍ରାଫିକ୍ ପଦ୍‌ବୀ ନିଯୁକ୍ତି          ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ପରିବହନ୍ ପ୍ରାଧିକରଣ୍ - ଏସ୍‌ଟିଏ ଥି ୨୧ ଟା ସବ୍-ଇନ୍ସପେକ୍ଟର୍ ପଦ୍‌ବୀଥି ସିଧାସଲଖ୍ ନିଯୁକ୍ତି ଲାଗି ହାଇକୋର୍ଟ

ନିର୍ଦ୍ଦେଶ୍ ଦେଇଛନ୍ । ଆଘୋନୁ ଇ ପଦ୍‌ବୀ ଭିତ୍‌ରୁ ୫୦ ପ୍ରତିଶତ୍ ବିଭାଗୀୟ ପଦୋନ୍ନତି ଆଧାର୍‌ଥି ହେଉଥିବାର୍ ବେଲେ ବାକି ୫୦ ପ୍ରତିଶତ୍  ପଦ୍ ଲାଗି ସିଧାସଲଖ୍ ନିଯୁକ୍ତି ହେଉଥିଲା । ହେଲେ ଇହାଦେ ୨୧ ଟା ଯାକ ପଦ୍ ସିଧାସଲଖ୍ ନିଯୁକ୍ତି ମାଧ୍ୟମ୍‌ଥି ପୂରଣ୍ ହେବା ବଲି ଅଦାଲତ୍ ନିର୍ଦ୍ଦେଶ୍ ଦେଇଛନ୍ ।

ସୁନୀତା ୱିଲିୟମ୍ସ            ଆର୍‌ଏନ୍‌ୟୁ/ସମ୍ବଲ୍‌ପୁର୍

ଅନ୍ତର୍ଜାତୀୟ ମହାକାଶ୍ ଷ୍ଟେସନ୍- ଆଇଏସ୍‌ଏସ୍ ନ ୯ ମାସ୍‌ନୁ ଅଏତ୍‌କା ସମିଆ ଅଟ୍‌କି ରହିଥିବା ଭାରତୀୟ ବଂଶର୍-ଆମେରିକୀୟ ମହାକାଶ୍‌ଚାରୀ ସୁନୀତା ୱିଲିୟମ୍ସ, ବୁଚ୍ ୱିଲୋର୍‌ଙ୍କର୍ ସହେତେ ଆଉ ୨ ଝନ୍ ମହାକାଶ୍‌ଚାରୀ ପୁର୍‌ଥିକେ ସୁରକ୍ଷିତ୍ ଭାବେ ଫିରିଛନ୍ । ଭାରତୀୟ ସମିଆ ଅନ୍‌ସାରେ ଆଏଜ୍ ପହପହ ୩ ବାଜିକରି ୨୭ ମିନିଟ୍‌ଥି ଆମେରିକାର୍ ଫ୍ଲୋରିଡ଼ାର୍ ସମୁଦ୍ରଖଁଡ଼ି ନ ମହାକାଶ୍‌ଚାରୀମାନ୍‌କୁ ନେଇକରି କ୍ରୁ-ନାଇନ୍ ମିଶନ୍‌ର ଡ୍ରାଗନ୍ ମହାକାଶ୍ ଯାନ ସୁରକ୍ଷିତ୍ ଭାବେ ଉତ୍‌ରିଥିଲା ।

ବନକଲାଗି ନୀତି            ପୁରୀ ସମ୍ବାଦଦାତା

ଚେଇତ ମାସର୍ ଅନ୍ଧାର୍‌ପଖ ସପ୍ତମୀ ତିଥି ନ ଆଏଜ୍  ପୁରୀ ଶ୍ରୀମନ୍ଦିର୍ ନ ମାହାପୁରୁମାନ୍‌କର୍ ବନକଲାଗି ନୀତି ହେବା । ଦ୍ୱିତୀୟ ଭୋଗମଣ୍ଡପ୍ ଭୋଗନୀତି ସର୍‌ବାର୍ ଉତ୍‌ରୁ ପାଖାପାଖି ୫ ବଜେନୁ ରାତିର୍ ୧୦ ବଜେତକ୍ ଇ ନୀତି ଚାଲ୍‌ବା ଆଉ ଇଥିର୍‌ଲାଗି ୫ ଘଂଟା ଲାଗି ସର୍ବସାଧାରଣ ଦର୍ଶନ୍ ବନ୍ଦ୍ ରହେବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ୬ ଟା ଜିଲ୍ଲା ନ ଆଏଜ୍ ଘଡ୍‌ଘଡ଼ି ଆର୍ ବର୍ଷା ହେଇପାରେ ଆର୍ ବାକି ଇଲାକା ନ ପାଗ୍ ଏନ୍ତା ଶୁଖା ରହେବା । ହେଲେ କାଏଲ୍‌ଠାନୁ ରାଏଜେ ପାଗ୍ ଟିକେ ବଦ୍‌ଲିବା । ବଡ଼ଭାଗୀ ଜାଗା ନ ଘଡ୍‌ଘଡ଼ି ଆର୍ ବର୍ଷା ଲାଗି ତାପମାତ୍ରା ୩ ନୁ ୫ ଡିଗ୍ରୀତକ୍ କମ୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ  ଅନୁମାନ୍ କରାଯାଇଛେ । ଗଲାକାଏଲ୍ ବୌଦ୍ଧ ନ ରାଜ୍ୟର୍ ସବୁନୁ ଜହ ତାତି ୪୩ ଦଶ୍‌ମିକ୍ ୬ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ ।